# REGIONAL NEWS UNIT, AIR CUTTACK

## Evening Bulletin (6.45 PM)

### 27th October – 2025

**********************************

## ମୁଖ୍ୟ ସମ୍ବାଦ

- ୨୦୪୭ ମସିହା ସୁଦ୍ଧା ଓଡ଼ିଶାରେ ବନ୍ଦରର କ୍ଷମତା ୫ ଶହ ନିୟୁତ ଟନ୍‌କୁ ବୃଦ୍ଧି ଲକ୍ଷ୍ୟ ରଖାଯାଇଥିବା କହିଲେ ମୁଖ୍ୟମନ୍ତ୍ରୀ ।

— ଭାରତ ସାମୁଦ୍ରିକ ସପ୍ତାହ-୨୦୨୫ରେ ରାଜ୍ୟରେ ବନ୍ଦରଭିତ୍ତିକ ପ୍ରକଳ୍ପର ବିକାଶପାଇଁ ୫୦ ହଜାର କୋଟି ଟଙ୍କାର ବୁଝାମଣା ପତ୍ର ସ୍ୱାକ୍ଷରିତ ।

- ଦ୍ୱିତୀୟ ପର୍ଯ୍ୟାୟରେ ୧୨ଟି ରାଜ୍ୟରେ ହେବ ସ୍ୱତନ୍ତ୍ର ସଘନ ଭୋଟର ତାଲିକା ସଂଶୋଧନ ।

- ଦକ୍ଷିଣ-ପୂର୍ବ ବଙ୍ଗୋପସାଗରରେ ସୃଷ୍ଟ ବାତ୍ୟା 'ମୋନ୍ଥା' ଆସନ୍ତାକାଲି ଭୀଷଣ ବାତ୍ୟାର ରୂପ ନେବା ସମ୍ଭାବନା ।

— ବାତ୍ୟାର ପ୍ରଭାବରେ ରାଜ୍ୟର ୮ଟି ଜିଲ୍ଲାରେ ପ୍ରବଳ ବର୍ଷା ହେବା ନେଇ ପାଣିପାଗ କେନ୍ଦ୍ରର ଅନୁମାନ ।

ଏବଂ

- ରାଜ୍ୟରେ ଆଜିଠାରୁ ପାଳନ କରାଯାଉଛି ଦୁର୍ନୀତି ନିବାରଣ ସଚେତନତା ସପ୍ତାହ ।

***BBSR/R***

## ମେରିଟାଇମ୍

ଓଡ଼ିଶାର ରଣନୈତିକ ସ୍ଥିତି, ପ୍ରଗତିଶୀଳ ବନ୍ଦର ନୀତି ଏବଂ ସାମୁଦ୍ରିକ ବିକାଶପାଇଁ ସମନ୍ୱିତ ଆଭିମୁଖ୍ୟ ରାଜ୍ୟକୁ ପୂର୍ବ ଭାରତର ସାମୁଦ୍ରିକ କରିଡର୍‌ରେ ଏକ ଅଗ୍ରଣୀ କେନ୍ଦ୍ର ଭାବେ ସ୍ଥାନିତ କରୁଛି ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝି କହିଛନ୍ତି । ମୁମ୍ବାଇଠାରେ ଆୟୋଜିତ ଭାରତ ସାମୁଦ୍ରିକ ସପ୍ତାହ-୨୦୨୫ରେ ଯୋଗଦେଇ ମୁଖ୍ୟମନ୍ତ୍ରୀ କହିଛନ୍ତି, ଆଗାମୀ ୨୦୪୭ ମସିହା ସୁଦ୍ଧା ରାଜ୍ୟରେ ବନ୍ଦରର କ୍ଷମତା ୫ ଶହ ନିୟୁତ ଟନ୍‌କୁ ବୃଦ୍ଧି କରାଯିବାର ଲକ୍ଷ୍ୟ ରଖାଯାଇଛି । ଏହାସହ ୧୪ଟି ବନ୍ଦରର ବିକାଶ, ମହାନଦୀ ମୁହାଣରେ ବାହୁଦା ବନ୍ଦର ଏବଂ ଜାହାଜ ନିର୍ମାଣ କ୍ଲଷ୍ଟର ଭଳି ବିଭିନ୍ନ ପ୍ରକଳ୍ପ ନେଇ ମୁଖ୍ୟମନ୍ତ୍ରୀ ଆଲୋଚନା କରିଛନ୍ତି । ଆଗାମୀ ୨୫ ବର୍ଷପାଇଁ ଦେଶର ଅଭିବୃଦ୍ଧି ଯାତ୍ରାକୁ ଆଗେଇ ନେବାଲାଗି ଓଡ଼ିଶା ଏକ ଦୃଢ଼ ବନ୍ଦର ପରିଚାଳିତ ଅର୍ଥନୀତି ନର୍ମାଣ ପାଇଁ ପ୍ରତିଶ୍ରୁତିବଦ୍ଧ ବୋଲି ଶ୍ରୀ ମାଝି କହିଛନ୍ତି । ବନ୍ଦର, ଜାହାଜ ଚଳାଚଳ ଏବଂ ଜଳପଥ ମନ୍ତ୍ରଣାଳୟଦ୍ୱାରା ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ବନ୍ଦର ଏବଂ ନୀଳ ଅର୍ଥନୀତି କ୍ଷେତ୍ରର ଅଗ୍ରଣୀ ଶିଳ୍ପପତିମାନଙ୍କ ସହ ରାଜ୍ୟରେ ପୁଞ୍ଜିନିବେଶପାଇଁ ଆଲୋଚନା

କରିଥିଲେ । ଏହି ଅବସରରେ ଓଡ଼ିଶାର ବନ୍ଦରଭିତ୍ତିକ ବିକାଶପାଇଁ ଏକ ଯୋଜନା ସମ୍ପର୍କିତ ଆଲୋଚନା ହୋଇଥିଲା । କାର୍ଯ୍ୟକ୍ରମରେ ରାଜ୍ୟରେ ବନ୍ଦରଭିତ୍ତିକ ପ୍ରକଳ୍ପର ବିକାଶପାଇଁ ୫୦ ହଜାର କୋଟି ଟଙ୍କାର ବୁଝାମଣ ପତ୍ର ସ୍ୱାକ୍ଷର ହୋଇଥିବା ସରକାରଙ୍କ ପକ୍ଷରୁ ସୂଚନା ଦିଆଯାଇଛି । ଭାରତ ସାମୁଦ୍ରିକ ସପ୍ତାହ ଆସନ୍ତା ୩୧ ତାରିଖ ପର୍ଯ୍ୟନ୍ତ ଚାଲିବ ।

***Puri/R***

## ଇ.ସି. - ଏଇ.ଆଇ.ଆର

ଦ୍ୱିତୀୟ ପର୍ଯ୍ୟାୟରେ ୧୨ଟି ରାଜ୍ୟ ଏବଂ କେନ୍ଦ୍ର ଶାସିତ ଅଞ୍ଚଳରେ ସ୍ୱତନ୍ତ୍ର ସଘନ ଭୋଟର ତାଲିକା ସଂଶୋଧନ କରାଯିବ ବୋଲି ଭାରତର ନିର୍ବାଚନ କମିଶନ୍ ଆଜି ଘୋଷଣା କରିଛନ୍ତି । ନୂଆଦିଲ୍ଲୀରେ ଗଣମାଧ୍ୟମକୁ ସୂଚନା ଦେଇ ମୁଖ୍ୟ ନିର୍ବାଚନ କମିଶନର୍ ଜ୍ଞାନେଶ କୁମାର କହିଛନ୍ତି, ଭୋଟର ତାଲିକାକୁ ଅଧିକ ସ୍ୱଚ୍ଛ ଏବଂ ତ୍ରୁଟିମୁକ୍ତ କରିବା ଏହି ସଂଶୋଧନର ମୂଳ ଲକ୍ଷ୍ୟ । ଦ୍ୱିତୀୟ ପର୍ଯ୍ୟାୟରେ ବିଭିନ୍ନ ସ୍ତରରେ ସଂଶୋଧନ ପ୍ରକ୍ରିୟା ପାଇଁ ପଦକ୍ଷେପ ଗ୍ରହଣ କରାଯିବ ବୋଲି ସେ କହିଛନ୍ତି ।

ଶ୍ରୀ କୁମାର କହିଛନ୍ତି, ସ୍ୱତନ୍ତ୍ର ଭୋଟର ତାଲିକା ସଂଶୋଧନ ଅନୁଷ୍ଠିତ ହେଉଥିବାରୁ ସମସ୍ତ ୧୨ଟି ରାଜ୍ୟ ଏବଂ କେନ୍ଦ୍ର ଶାସିତ ଅଞ୍ଚଳରେ ଆଜି ମଧ୍ୟ ରାତ୍ରିରୁ ତାଲିକାରେ କୌଣସି ପ୍ରକାର ପରିବର୍ତ୍ତନ କରାଯାଇ ପାରିବ ନାହିଁ ।

***BBSR/R***

# ମାନବାଧିକାର କମିଶନ୍

ଓଡ଼ିଶା ମାନବାଧିକାର କମିଶନ୍ ପକ୍ଷରୁ ଆଜି ଭିଡ଼ିଓ କନ୍‌ଫରେନ୍ସିଂ ଜରିଆରେ ବିଭିନ୍ନ ମାମଲାର ଶୁଣାଣି ହୋଇଛି । କମିଶନ୍‌ର ଅଧ୍ୟକ୍ଷ ଜଷ୍ଟିସ୍ ଶତ୍ରୁଘ୍ନ ପୂଜାରୀଙ୍କ ଅଦାଲତରେ ଶୁଣାଣିପାଇଁ ୮୮ଟି ମାମଲା ତାଲିକାଭୁକ୍ତ ହୋଇଛି । ସେଥିମଧ୍ୟରୁ ଆଜି ଆଭାସୀ ଜରିଆରେ ୩ଟି ମାମଲାର ଶୁଣାଣି ହୋଇଥିଲା ।

***Desk, BBSR, Nabarangpur, Khurda, Kalahandi, Kendrapara, Ganjam, Malkangiri/R***

# ବାତ୍ୟା ସମୀକ୍ଷା

ଦକ୍ଷିଣ-ପୂର୍ବ ବଙ୍ଗୋପସାଗରରେ ସୃଷ୍ଟ ବାତ୍ୟା ମୋନ୍ଥା ଆନ୍ଧ୍ରପ୍ରଦେଶର କାକିନାଡାଠାରୁ ୪୯୦ କିଲୋମିଟର ଓ ଗୋପାଳପୁରରୁ ୭୧୦ କିଲୋମିଟର ଦୂରରେ ରହିଛି। ଆସନ୍ତାକାଲି ସକାଳ ସୁଦ୍ଧା ଏହା ଭୀଷଣ ବାତ୍ୟାର ରୂପ ନେବା ପରେ ଆନ୍ଧ୍ରପ୍ରଦେଶର ମଛଲିପଟନମ୍ ଓ କଳିଙ୍ଗପଟନମ୍ ମଧ୍ୟବର୍ତ୍ତୀ କାକିନଡ଼ା ନିକଟରେ ସ୍ଥଳଭାଗ ସ୍ପର୍ଶ କରିବ ବୋଲି ପାଣିପାଗ ବିଭାଗ ପକ୍ଷରୁ ଅନୁମାନ କରାଯାଇଛି।

ବାତ୍ୟାଦ୍ୱାରା ବିଶେଷଭାବେ ପ୍ରଭାବିତ ହେବାକୁ ଥିବା ୮ଟି ଜିଲ୍ଲା- କୋରାପୁଟ, ମାଲକାନଗିରି, ରାୟଗଡ଼ା, ଗଞ୍ଜାମ, ଗଜପତି, କନ୍ଧମାଳ,

କଳାହାଣ୍ଡି ଓ ନବରଙ୍ଗପୁରରେ ସମସ୍ତ ପ୍ରସ୍ତୁତି ଶେଷ ପର୍ଯ୍ୟାୟରେ ପହଞ୍ଚିଛି। ୧୨୮ଟି ଓଡ୍ରାଫ୍, ଏନ୍‌ଡିଆରଏଫ୍ ଏବଂ ଅଗ୍ନିଶମ ଟିମ୍‌କୁ ମୁତୟନ କରାଯାଇଛି। ବର୍ତ୍ତମାନ ସମୟରେ ବିଭିନ୍ନ ଜିଲ୍ଲାରେ ବର୍ଷା ପବନ ଆରମ୍ଭ ହୋଇଯାଇଛି। ପରିସ୍ଥିତିକୁ ଦୃଷ୍ଟିରେ ରଖି କଟକ ମୁଣ୍ଡୁଳିରୁ ଆଉ ୫ଟି ଏନ୍‌ଡିଆରଏଫ୍ ଟିମ୍ ଦକ୍ଷିଣ ଓଡ଼ିଶାର ୫ଟି ଜିଲ୍ଲା-ମାଲକାନଗିରି, କୋରାପୁଟ, ଗଜପତି, କନ୍ଧମାଳ ଓ ରାୟଗଡ଼ା ଗସ୍ତ କରିଛନ୍ତି।

ବର୍ତ୍ତମାନ ସମୟରେ ସମୁଦ୍ର ଅଶାନ୍ତ ରହୁଥିବାରୁ ମତ୍ସ୍ୟଜୀବୀମାନଙ୍କୁ ଆସନ୍ତା ୪ ଦିନ ପର୍ଯ୍ୟନ୍ତ ସମୁଦ୍ର ମଧ୍ୟକୁ ଯିବାକୁ ବାରଣ କରାଯାଇଛି । ବନ୍ଦରଗୁଡ଼ିକ ପାଇଁ ୨ ନମ୍ବର ବିପଦ ସଙ୍କେତ ଜାରି କରାଯାଇଛି । ଭୂସ୍ଖଳନର ଭୟ ରହୁଥିବାରୁ ତଳିଆ ଅଞ୍ଚଳର ଜନସାଧାରଣଙ୍କୁ ସତର୍କ ରହିବା ସଙ୍ଗେ ସଙ୍ଗେ ସୁରକ୍ଷିତ ସ୍ଥାନକୁ ଯିବାପାଇଁ ପରାମର୍ଶ ଦିଆଯାଇଛି ।

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଆସନ୍ତାକାଲି ବାତ୍ୟା 'ମୋନ୍ଥା' ସ୍ଥିତିର ସମୀକ୍ଷା କରିବେ । ବାତ୍ୟା ମୁକାବିଲା ନେଇ ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ବରିଷ୍ଠ ଅଧିକାରୀ ଓ ଜିଲ୍ଲା ପ୍ରଶାସନ ସହ ଆଲୋଚନା କରିବେ ବୋଲି ଆମ ସମ୍ବାଦଦାତା ଜଣାଇଛନ୍ତି ।

ବାତ୍ୟାର ଗତି ବଢୁଥିବାରୁ ପ୍ରଭାବ ହ୍ରାସ ପାଇବ । ରେଡ୍ ଆଲର୍ଟରେ ଥିବା ୮ଟି ଜିଲ୍ଲାରେ ଆସନ୍ତା ୩ ଦିନ ପର୍ଯ୍ୟନ୍ତ ଶିକ୍ଷାନୁଷ୍ଠାନଗୁଡ଼ିକୁ ଛୁଟି ଘୋଷଣା କରାଯାଇଛି । ପ୍ରଭାବିତ ହେବାକୁ ଥିବା ଜିଲ୍ଲାଗୁଡ଼ିକରେ ୨୦୦ଟି ବାତ୍ୟା ଆଶ୍ରୟସ୍ଥଳୀ ପ୍ରସ୍ତୁତ କରାଯାଇଥିବା ନେଇ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ କହିଛନ୍ତି । ସମସ୍ତ ଗର୍ଭବତୀ ମହିଳାଙ୍କୁ

ସ୍ଥାନାନ୍ତର କରିବାକୁ ନିର୍ଦ୍ଦେଶ ଦିଆଯାଇଛି । ବାତ୍ୟାପାଇଁ ପଞ୍ଚାୟତରୁ ରାଜ୍ୟ ସ୍ତର ପର୍ଯ୍ୟନ୍ତ ପ୍ରସ୍ତୁତି ଶେଷ ହୋଇଛି ବୋଲି ମନ୍ତ୍ରୀ ଶ୍ରୀ ପୂଜାରୀ କହିଛନ୍ତି । ବାତ୍ୟାରେ ଘରୁ ନ ବାହାରି ଆଶ୍ରୟସ୍ଥଳୀଗୁଡ଼ିକୁ ଯିବାପାଇଁ ବୟସ୍କ, ମହିଳା ଓ ଶିଶୁଙ୍କୁ ମନ୍ତ୍ରୀ ପରାମର୍ଶ ଦେଇଛନ୍ତି । ୨୪ ଘଣ୍ଟିଆ ସହାୟତା ନମ୍ବର ଜାରି କରାଯାଇଛି । ଖାଦ୍ୟ ସାମଗ୍ରୀ, ଗୋଖାଦ୍ୟ ପର୍ଯ୍ୟାପ୍ତ ପରିମାଣରେ ମହଜୁଦ୍ ରହିଛି ବୋଲି ମନ୍ତ୍ରୀ କହିଛନ୍ତି ।

**- V/O - (ସୁରେଶ ପୂଜାରୀ)**

ବାତ୍ୟାକୁ ଦୃଷ୍ଟିରେ ରଖି ପୂର୍ବତଟ ରେଳବାଇ ପକ୍ଷରୁ ଆଜି ଓ ଆସନ୍ତାକାଲି ପାଇଁ ୩୨ଟି ଟ୍ରେନ୍ ବାତିଲ୍ ହୋଇଥିବାବେଳେ ୨ଟି ଟ୍ରେନ୍‌ର ଗତିପଥ ପରିବର୍ତ୍ତନ କରାଯାଇଛି ।

ଗଞ୍ଜାମ ଜିଲ୍ଲାର ସମୁଦ୍ର ଉପକୂଳ ଓ ଚିଲିକା ଅଞ୍ଚଳରେ ପ୍ରଶାସନ ପକ୍ଷରୁ ବ୍ୟାପକ ବ୍ୟବସ୍ଥା କରାଯାଇଛି । ଜିଲ୍ଲାର ୧୧୦ଟି ବାତ୍ୟା ଆଶ୍ରୟସ୍ଥଳୀକୁ ପ୍ରସ୍ତୁତ ରଖାଯାଇଥିବାବେଳେ ଏପର୍ଯ୍ୟନ୍ତ ୬୨୫ ଜଣଙ୍କୁ ସ୍ଥାନାନ୍ତରିତ କରାଯାଇଛି । ଜିଲ୍ଲାରେ ବାତ୍ୟା ପ୍ରସ୍ତୁତି ସମ୍ପର୍କରେ ଆମ ସମ୍ବାଦାତାଙ୍କ ରିପୋର୍ଟ :

***Voice (Ganjam PTC)*** :...........

ମାଲକାନଗିରି ଜିଲ୍ଲାରେ ଜିଲ୍ଲା ପ୍ରଶାସନ ପକ୍ଷରୁ ବାତ୍ୟା ମୁକାବିଲାପାଇଁ ସମସ୍ତ ପ୍ରସ୍ତୁତି କରାଯାଇଛି । ଏ ସମ୍ପର୍କରେ ଆମ ମାଲକାନଗିରି ସମ୍ବାଦଦାତାଙ୍କ ରିପୋର୍ଟ :

***Voice (Malkangiri PTC)*** :...........

ନବରଙ୍ଗପୁର ମିଶନ ଶକ୍ତି ହଲ୍‌ରେ ଜିଲ୍ଲାପାଳ ଡକ୍ଟର ମହେଶ୍ୱର ସ୍ୱାଇଁଙ୍କ ଅଧ୍ୟକ୍ଷତାରେ ଆଜି ସନ୍ଧ୍ୟାରେ ବାତ୍ୟା ମୁକାବିଲା ବୈଠକ ଅନୁଷ୍ଠିତ ହୋଇଛି । ବାତ୍ୟା ସହ ପ୍ରବଳ ବର୍ଷାର ସମ୍ଭାବନାକୁ ଦୃଷ୍ଟିରେ ରଖି ଜିଲ୍ଲାର ସମସ୍ତ ବ୍ଲକ୍‌ରେ ୧୦ଟି ସ୍ଥାୟୀ ଆଶ୍ରୟସ୍ଥଳୀ ଏବଂ ୧୦ଟି ଅତିରିକ୍ତ ଅସ୍ଥାୟୀ ଆଶ୍ରୟସ୍ଥଳୀର ବ୍ୟବସ୍ଥା କରାଯାଇଥିବା ଜିଲ୍ଲାପାଳ ସୂଚନା ଦେଇଛନ୍ତି ।

ଖୋର୍ଦ୍ଧା ଜିଲ୍ଲାରେ ଆସନ୍ତାକାଲିଠାରୁ ଦୁଇଦିନ ପର୍ଯ୍ୟନ୍ତ ସମସ୍ତ ବିଦ୍ୟାଳୟ ଓ ଅଙ୍ଗନୱାଡ଼ି କେନ୍ଦ୍ର ବନ୍ଦ ରଖିବାକୁ ନିଷ୍ପତ୍ତି ନିଆଯାଇଛି ।

କଳାହାଣ୍ଡି ଜିଲ୍ଲାରେ ୯୬ଟି ଅସ୍ଥାୟୀ ଆଶ୍ରୟସ୍ଥଳୀ ପ୍ରସ୍ତୁତ କରାଯାଇଛି । ଏହାସହ ନିୟନ୍ତ୍ରଣ କକ୍ଷ କାର୍ଯ୍ୟକ୍ଷମ କରାଯାଇଛି । ଜିଲ୍ଲାରେ ଆସନ୍ତା ୩ ଦିନ ପର୍ଯ୍ୟନ୍ତ ସରକାରୀ କର୍ମଚାରୀଙ୍କ ଛୁଟି ବାତିଲ କରାଯାଇଥିବା ଜିଲ୍ଲାପାଳ ସଚିନ ପାୱାର କହିଛନ୍ତି ।

***Desk, Sonepur, Nayagarh/R***

# ଦୁର୍ନୀତି ନିବାରଣ ସପ୍ତାହ

ସମଗ୍ର ରାଜ୍ୟରେ ଆଜିଠାରୁ ଆସନ୍ତାମାସ ୨ ତାରିଖ ପର୍ଯ୍ୟନ୍ତ ଦୁର୍ନୀତି ନିବାରଣ ସଚେତନତା ସପ୍ତାହ ପାଳନ କରାଯାଉଛି । ଚଳିତ ବର୍ଷର ବିଷୟବସ୍ତୁ ରହିଛି "ଦୁର୍ନୀତି ନିବାରଣ : ଆମ ସାମୂହିକ ଦାୟିତ୍ୱ" । ଦୁର୍ନୀତି ବିରୋଧରେ ଶୂନ୍ୟ ସହନଶୀଳତା ନୀତି ସରକାର ଆପଣେଇଛନ୍ତି । କୌଣସି ସ୍ତରରେ ଦୁର୍ନୀତିକୁ ବରଦାସ୍ତ କରାଯିବ ନାହିଁ ବୋଲି ମୁଖ୍ୟମନ୍ତ୍ରୀ ମୋହନ

ଚରଣ ମାଝୀ କହିଛନ୍ତି । ସାଧୁତାକୁ ଜୀବନର ବ୍ରତ ଭାବେ ଗ୍ରହଣ କରି ଏକ ଦୁର୍ନୀତିମୁକ୍ତ ବିକଶିତ ଓଡ଼ିଶା ଗଠନ କରିବାକୁ ମୁଖ୍ୟମନ୍ତ୍ରୀ ସମସ୍ତଙ୍କୁ ଆହ୍ୱାନ ଦେଇଛନ୍ତି ।

ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗ ଏବଂ ଯୋଜନା ଓ ସଂଯୋଜନା ବିଭାଗ ପକ୍ଷରୁ ଦୁର୍ନୀତି ନିବାରଣ ସପ୍ତାହ ପାଳନ କରାଯାଇଛି । ଆଜି ଲୋକସେବା ଭବନ ସ୍ଥିତ ଦ୍ୱିତୀୟ ମହଲା ପ୍ରାଙ୍ଗଣରେ ଅତିରିକ୍ତ ମୁଖ୍ୟ ଶାସନ ସଚିବ ସୁରେନ୍ଦ୍ର କୁମାର ସମସ୍ତ ବିଭାଗୀୟ ଅଧିକାରୀ ଓ କର୍ମଚାରୀଙ୍କୁ ସାଧୁତାର ଶପଥପାଠ କରାଇଥିଲେ । ଆଜି ଲୋକସେବା ଭବନ, ଖାରବେଳ ଭବନ ଏବଂ ଅନ୍ୟାନ୍ୟ ସ୍ଥାନରେ ଅବସ୍ଥିତ ରାଜ୍ୟ ସରକାରଙ୍କ ବିଭିନ୍ନ ବିଭାଗ ଓ ଜିଲ୍ଲା ସ୍ତରରେ ଦୁର୍ନୀତି ନିବାରଣ ସଚେତନତାର ଶପଥପାଠ କରାଯାଇଛି ।

ଖୋର୍ଦ୍ଧାରୋଡ୍ ରେଳମଣ୍ଡଳର ମଣ୍ଡଳ ପ୍ରବନ୍ଧକ ଆଲୋକ ତ୍ରିପାଠୀ ଆଜି ପୂର୍ବାହ୍ନରେ ମଣ୍ଡଳ କାର୍ଯ୍ୟାଳୟରେ ସମସ୍ତ ଅଧିକାରୀ ଓ କର୍ମଚାରୀଙ୍କୁ ମଧ୍ଯ ଦୁର୍ନୀତି ସତର୍କତା ସଚେତନତା ସମ୍ପର୍କରେ ଶପଥପାଠ କରାଇଛନ୍ତି ।

ସୁବର୍ଣ୍ଣପୁର ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ଅତିରିକ୍ତ ଜିଲ୍ଲାପାଳ ଅଞ୍ଜଳିନା ପ୍ରଧାନ ସମସ୍ତ କର୍ମଚାରୀଙ୍କୁ ସାଧୁତାର ଶପଥପାଠ କରାଇଥିଲେ ।

ନୟାଗଡ଼ ଜିଲ୍ଲାପାଳଙ୍କ ସଭାଗୃହରେ ଅତିରିକ୍ତ ଜିଲ୍ଲାପାଳ ରୋଜିନା ଦାସଙ୍କ ଅଧ୍ୟକ୍ଷତାରେ ଏ ସମ୍ପର୍କିତ ଏକ ଶପଥପାଠ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି ।

*Nayagarh, Nabarangpur, Sonepur, Boudh/R*

# ଜନ ଅଭିଯୋଗ ଶୁଣାଣି

ରାଜ୍ୟର ସମସ୍ତ ଜିଲ୍ଲାରେ ଆଜି ଯୁଗ୍ମ ଜନ ଅଭିଯୋଗ ଶୁଣାଣି ଅନୁଷ୍ଠିତ ହୋଇଯାଇଛି ।

**ନୟାଗଡ଼** ଜିଲ୍ଲା ଭାପୁର ବ୍ଲକ୍‌ରେ ଜିଲ୍ଲାପାଳ ଅକ୍ଷୟ ସୁନିଲ୍ ଅଗ୍ରୱାଲ୍‌ଙ୍କ ଅଧ୍ୟକ୍ଷତାରେ ଜିଲ୍ଲାସ୍ତରୀୟ ଯୁଗ୍ମ ଜନ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି । ଶିବିରରେ ୬୮ଟି ପଞ୍ଜୀକୃତ ଆବଦେନ ମଧ୍ୟରୁ ୧୭ଟିର ତତ୍କାଳ ସମାଧାନ କରାଯାଇଥିଲା ।

**ନବରଙ୍ଗପୁର** ଜିଲ୍ଲା କୋଷାଗୁମୁଡ଼ାଠାରେ ଅନୁଷ୍ଠିତ ଶିବିରରେ ଜିଲ୍ଲାପାଳ ଡକ୍ଟର ମହେଶ୍ୱର ସ୍ୱାଇଁ ଓ ଆରକ୍ଷୀ ଅଧୀକ୍ଷକ ଏମ୍. ସୁନିଲ୍ ସମ୍ପତ୍‌ଙ୍କ ସମେତ ଜିଲ୍ଲାସ୍ତରୀୟ ଅଧିକାରୀମାନେ ଉପସ୍ଥିତ ରହି ୪୯ଟି ଅଭିଯୋଗର ଶୁଣାଣି କରିଥିଲେ ।

**ସୁବର୍ଣ୍ଣପୁର** ଜିଲ୍ଲା ବୀରମହାରାଜପୁର ବ୍ଲକ୍‌ର କମିରା ପଞ୍ଚାୟତ କାର୍ଯ୍ୟାଳୟରେ ଅତିରିକ୍ତ ଜିଲ୍ଲାପାଳ ରାଜେନ୍ଦ୍ର ମାଝୀ ଓ ଆରକ୍ଷୀ ଅଧୀକ୍ଷକ ନାରାୟଣ ନାଏକ ୫୮ଟି ଆବେଦନର ଶୁଣାଣି କରି ସେଗୁଡ଼ିକର ସମାଧାନପାଇଁ ବିଭାଗୀୟ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି ।

**ବୌଦ୍ଧ** ଜିଲ୍ଲାରେ ଆୟୋଜିତ ଶିବିରରେ ଜିଲ୍ଲାପାଳ ଓ ଆରକ୍ଷୀ ଅଧୀକ୍ଷକ ମାମଲାଗୁଡ଼ିକର ସମାଧାନପାଇଁ ବିଭାଗୀୟ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି ।

******